ପ୍ରିୟ ବନ୍ଧୁ,

ଆମ ବିଦ୍ୟୁତ୍ ବିଭାଗର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ସମସ୍ତ ବନ୍ଧୁମାନଙ୍କୁ- ନୂଆ ବର୍ଷର ଅଭିନନ୍ଦନ ଓ ପ୍ରଣାମ।

- ଓଡିଶାବାସୀଙ୍କର ଏକ ନିତ୍ୟ ବ୍ୟବହାର୍ଯ୍ୟ ପ୍ରୟୋଜନୀୟ ଚାହିଦା ପୂରଣର ଗୁରୁଦାୟିତ୍ୱ ଆମ ପ୍ରତ୍ୟେକଙ୍କ ଉପରେ ନ୍ୟସ୍ତ। କାରଣ ଆଜିର ସଭ୍ୟତାରେ ବିଦ୍ୟୁତ୍ ଶକ୍ତିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ-ତାହା ଆମଠୁଁ ଅଧିକ କିଏ ଜାଣେ ?
- ଆଧୁନିକ ସମାଜରେ ବିଦ୍ୟୁତ୍ ଶକ୍ତି ବ୍ୟବହାର, ଅର୍ଥନୈତିକ ଉନ୍ନତି ତଥା ଜୀବନଧାରଣର ମାପକାଠି।
- ବିଦ୍ୟୁତ ଶକ୍ତି ଉତ୍ପାଦନ, ବିତରଣ ଓ ଶକ୍ତି ବ୍ୟବହାର ପଦ୍ଧତିକୁ ସହଜ ଓ ସମୁନ୍ନତ କରିବାର ଉଦ୍ୟମ ଅବ୍ୟାହତ ରଖିଲେ ଆମ ଓଡିଶାର ପ୍ରଗତିକୁ ଆଗେଇ ନେଇପାରିବା ଏବଂ ଦେଶବାସୀଙ୍କ ଆସ୍ଥାଭାଜନ ହୋଇପାରିବା।
- ଆମ ପରିଶ୍ରମରେ ଅନେକ ପ୍ରଗତି ହାସଲ ହୋଇଛି। ଏହା ସତ୍ୟ-ତା ସତ୍ତ୍ୱେ ଅନେକ ପ୍ରତିବନ୍ଧକକୁ ଦୂର କରି ଆଗକୁ ବଢ଼ିବାକୁ ଆହ୍ୱାନ ଆଗରେ ଅଛି। ଏହା ଧ୍ରୁବ ସତ୍ୟ।
- ଫାଇଲିନ ବାତ୍ୟା ଆସିଲା । ବିଦ୍ୟୁତ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ । ପୁନର୍ଗଠନ ଓ ପୁନର୍ନିର୍ମାଣର ଆହ୍ୱାନ ଆମ ସାମ୍ନାରେ । ଆମେ ସେ ଆହ୍ୱାନକୁ ମୁକାବିଲା କରିବାରେ ସମର୍ଥ ହେଲୁ । ଭବିଷ୍ୟତ ପାଇଁ ପ୍ରଚୁର ଜ୍ଞାନ ଓ ଅନୁଭୂତି ହାସଲ କଲୁ ।
- ଆମ କାର୍ଯ୍ୟ-କର୍ତ୍ତବ୍ୟନିଷ୍ଠା-ସତ୍ୟନିଷ୍ଠ ଆଚରଣ-ସମୟାନୁବର୍ତ୍ତିତା, ପ୍ରତିଶ୍ରୁତି ଏବଂ ପ୍ରତିବଦ୍ଧତା ଏବଂ ସର୍ବୋପରି-କିଛି ନୂଆ କରି ଦେଖେଇବାର ନିଶା ଓ ଉତ୍ସର୍ଗୀକୃତ ମାନସିକତା- ଦୃଢ଼ତର ହେବାର -ବଜ୍ର ଶପଥ ନେବା -ଏ ଅବସରରେ।
- ଆମର ପ୍ରିୟ ଦୂରଦୃଷ୍ଟିସଂପନ୍ନ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଦ୍ୟୁତ୍ କ୍ଷେତ୍ରରେ ଓଡିଶା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ଉଦ୍ୟମରତ।
- ଆସନ୍ତୁ -ଆମ ବିଦ୍ୟୁତ୍ ବିଭାଗର ପରିବାରର ପ୍ରତ୍ୟେକ ସଦସ୍ୟ-ଆଉଥରେ ସଙ୍କଳ୍ପ ନେବା-ଏଭଳି କାର୍ଯ୍ୟ କରିବା- ଯେଉଁଥିରେ-ସମଗ୍ର ଓଡିଶାବାସୀଙ୍କର ଆଶୀର୍ବାଦ ଲାଭ କରିବା- ଏବଂ ଜୀବନ ଓ ଏ ଜନ୍ମ ଧନ୍ୟ ହେବ।

ସମ୍ମାନ ସହ

ଅରୁଣ

(ଅରୁଣ କୁମାର ସାହୁ)

ମନ୍ତ୍ରୀ, ଶକ୍ତି, ସୂଚନା ଓ ଲୋକ ସଂପର୍କ

